# ତହସିଲ କାର୍ଯ୍ୟାଳୟ, ବାଲିଶଙ୍କରା

ବିଜ୍ଞପ୍ତି ସଂଖ୍ୟା...୧୨୨୫......... ତା ...୧୨/୯/୨୦୨୦

## ଲଘୁ ଖଣିଜ ନମନ୍ତେ ଲିଜ ଇସ୍ତିହାର

ଏତଦ୍ୱାରା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ବାଲିଶଙ୍କରା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡିକ ଚଳିତ 2020-21 ଆର୍ଥିକ ବର୍ଷ ଠାରୁ 5 ବର୍ଷ ନିମନ୍ତେ ଲିଜ ସୂତ୍ରେ OMMC (Amendment) Rule 2014, 2015, 2016 ଓ 2018 ଅନୁଯାଇ ନିମ୍ନ ସାରଣୀ ମୁତାବକ ତହସିଲଦାର ବାଲିଶଙ୍କରା ଙ୍କ ଦ୍ୱାରା ନିଲାମ କରାଯିବ |

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rule 2014, 2015 ର Form 'J' ପୂରଣ କରି ଏହାର ତିନି କପି ସହ ଆବଶ୍ୟକ ଦଲିଲ ସଂଲଗ୍ନ କରି ଜଉମୁଦା ଲଫାପା ରେ ଆବେଦନ କରିପାରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟ ରେ ତା. 18.09.2020 ରିଖ ଠାରୁ ତା. 24.09.2020 ରିଖ ଅପରାହ୍ନ 4 ଘଟିକା ସୁଦ୍ଧା ତହସିଲ ଅଫିସ ସ୍ଥିତ ଟେଣ୍ଡର ବାକ୍ସ ରେ ଦାଖଲ କରିପାରିବେ | ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହତ ହେଲାପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ | ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ତା. 25.09.2020 ରିଖ ଦିବା 12.00 ଘଟିକା ସମୟରେ ଉପସ୍ଥିତ ଥିବା ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜଧାରି ଚୟନ କରାଯିବ | ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ସମସ୍ତ ଦରଖାସ୍ତକାରି ଲିଜ ପାଇଁ ଅଯୋଗ୍ୟ ଘୋଷିତ ହୁଅନ୍ତି ତେବେ ଦ୍ବିତୀୟ ଥର ପାଇଁ ତା. 28.09.2020 ରିଖରୁ 30.09.2020 ରିଖ ଅପରାହ୍ନ 4.00 ଘଟିକା ପର୍ଯ୍ୟନ୍ତ ସମାନ ଉପାୟରେ ଦରଖାସ୍ତ ଗ୍ରହଣ କରାଯିବ ଯାହାକି ତା. 01.06.2020 ରିଖ ଅପରାହ୍ନ 12.00 ଘଟିକା ସମୟରେ ଉପସ୍ଥିତ ଥିବା ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜଧାରି ଚୟନ କରାଯିବ | ସେହିପରି ଦ୍ବିତୀୟ ଥର ଅଯୋଗ୍ୟ କିମ୍ବା ବଳକା ଉତ୍ସ ଗୁଡିକ ତୃତୀୟ ଥର ପାଇଁ ତା. 05.10.2020 ରିଖ ଠାରୁ ତା. 08.10.2020 ରିଖ ଅପରାହ୍ନ 4.00 ଘଟିକା ସମୟରେ ସମାନ ଉପାୟରେ ଗ୍ରହଣ କରାଯିବ ଯାହା ତା. 09.10.2020 ରିଖ ଅପରାହ୍ନ 12.00 ଘଟିକା ସମୟରେ ଉପସ୍ଥିତ ଥିବା ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜଧାରି ଚୟନ କରାଯିବ | ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ଓ ଅସଂପୂର୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ |

ଲିଜ ସଂକ୍ରାନ୍ତିୟ ଅନ୍ୟ ସମସ୍ତ ବିବରଣୀ / ସର୍ତ୍ତାବଳୀ ବାଲିଶଂଙ୍କରା ତହସିଲ କାର୍ଯ୍ୟାଳୟ ରେ ଜିଲ୍ଲା web site www.sundargarh.nic.in ରେ ଉପଲବ୍ଧ ଅଟେ |

ତହସିଲଦାର, ବାଲିଶଙ୍କରା

Scanned with CamScanner

| ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନ ର ବିବରଣୀ | | | | | | | | | |
|---|---|---|---|---|---|---|---|---|---|
| କ୍ରମିକ ନଂ | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା | ପ୍ରତି ବର୍ଷ ଉଠାଣ ହେବା କୁ ଥିବା **Minimum guaranteed** ପରିମାଣ | ସର୍ବନିମ୍ନ **Additional Charges per Cu.M** | **Solvency Certificate/ Bank Guarantee** ପରିମାଣ |
| 1 | ବାଙ୍କିଡିହି ବାଲିଘାଟ | ବାଙ୍କିଡିହି | 48 | 370/457/ସ୍ପ | ନଦୀ | ଏ. 10.45 | 5000 Cu.m | 20/- | ଯାହାର ମୂଲ୍ୟ ତାଙ୍କ ଦ୍ଵାରା ଦର୍ଶାଯାଇଥିବା ଏବଂ ଏକ ବର୍ଷର ରୟାଲିଟି ଠାରୁ କମ ହୋଇନଥିବା |
| 2 | ଲୁଲକିଡିହି ବାଲିଘାଟ | ଲୁଲକିଡିହି | 549 | 2202/4515 | ନଦୀ | ଏ. 7.21 | 1000 Cu.m | 20/- | |
| 3 | ଦେଓଭୂବନପୁର ପଥରଖଣି | ଦେଓଭୂବନପୁର | 351 | 3448 | ପତିତ | ଏ. 0.61 | 5000 Cu.m | 30/- | |
| | | | | 3449 | ପତିତ | ଏ. 0.35 | | | |
| | | | | 3450 | ପତିତ | ଏ. 1.26 | | | |
| | | | | | ମୋଟ | ଏ.2.22 | | | |

17.8.20

ତହସିଲଦାର, ବାଲିଶଙ୍କରା

Scanned with CamScanner

# ସର୍ତ୍ତାବଳି

(1) ଆବେଦନକାରୀ ମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2004 ଓ OMMC ( Amendment ) Rule 2014/15 , 2016,2018 ପରିସର ଭୁକ୍ତ ରହିବେ ।

(2) ଲିଜ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ରହିଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

(3) ଲିଜ ରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

(4) ଲିଜ ଦିଆଯିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

(5) ବାଲି/ମୁରୁମ ଓ ପଥର ପାଇଁ ସର୍ବନିମ୍ନ ରୟାଲିଟି ମୂଲ୍ୟ ( per Cu.m.) ଯଥାକ୍ରମେ 35/- ଓ 130/- ଅଟେ ।

(6) ସରକାରୀ ରୟାଲିଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀଙ୍କର ଆବେଦନ J FORM ଖାରଜ କରା ଦିଆଯିବ । ଲିଜର ଅବଧି ସର୍ବୋଚ୍ଚ 5 ବର୍ଷ କାଳ ରହିବ ।

(7) ଲିଜର ସମସ୍ତ ସର୍ତ୍ତାବଳି ପାଳନ କରିଥିବା ସର୍ବାଧିକ ରୟାଲିଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

(8) ଲିଜ ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତି ସାତ ଦିନ ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଧାରିତ ଅମାନତ ରାଶି EMD ( ଡିମାଣ୍ଡ ଡ୍ରାଫ୍ଟ କିମ୍ବା ନଗଦ ) ଜମା ଦେବେ, ନଚେତ ପରବର୍ତ୍ତୀ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

(୨) ଲିଜ ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତିନିଜ ଖର୍ଚ୍ଚରେ ନିର୍ଦ୍ଧାରିତ ବ୍ୟକ୍ତି ଙ୍କ ଠାରୁ ମାଇନିଂ ପ୍ଲାନ ତିଆରି ତଥା ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ସ୍ୱୀକୃତି ମାଇନିଂ ପ୍ଲାନ କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ପାଖରେ ନିର୍ଦ୍ଧାରିତ ସମୟରେ ଦାଖଲ କରିବେ ନଚେତ ପ୍ରାପ୍ତ ଲିଜ ଖାରଜ କରି ପରବର୍ତ୍ତୀ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଓ EMD ବ୍ୟାଜାପ୍ତି ହେବେ ।

(10)ଲିଜ ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତି ନିଜ ଖର୍ଚ୍ଚରେ SEIAA ଙ୍କ ପାଖରୁ Environment Management plan ଅନୁମୋଦନ ପୂର୍ବକ Environment Clearance ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିବେ, ନଚେତ ଅଯୋଗ୍ୟ ଘୋଷିତ ହେବେ ଓ ଅମନତ (EMD) ବ୍ୟାଜପ୍ତି ହେବେ ।

(11)ମାଇନିଂ ପ୍ଲାନ ଦର୍ଶାଇଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟିର ଦରକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ସେହି ରାଶିକୁ Environment Clearance ଆଣି ସାରିଲା ପରେ ପୈଠ କରିବେ ।

(12)ଲିଜ ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତି ସଂପୂର୍ଣ୍ଣ ରୟାଲିଟି ରାଶି Surface rate , Dead rate , ରୟାଲିଟିର 5% Environment Management Fund କୁ ପୈଠ କଲାପରେ Indian Registration Act 1980 ଓ Stamp Act 1999 ଅନୁଯାୟୀ ଲିଜ ଚୁକ୍ତି ପତ୍ର (Execution of Lease Deed) ସଂପାଦନ କରିବେ ।

(13)ପୁନଶ୍ଚ ନିୟମବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବ୍ୟାଜ୍ୟାପ୍ତ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଛି ।

(14)ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉପର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ, ଏ ସବୁ କାର୍ଯ୍ୟ ସଂପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

17.8.20

Scanned with CamScanner

(15) ଉପରୋକ୍ତ ସମସ୍ତ ସର୍ତ୍ତାବଳି ପୁରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ , କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

(16) ଲିଜ ସମ୍ବନ୍ଧୀୟ ସର୍ତ୍ତବଳୀ କାର୍ଯ୍ୟାଳୟ ରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ ଦିବସରେ ଦେଖିପାରିବେ ।

(17)ଜମା ରୟାଲିଟିର ( 2 % ) ଲିଜଧାରୀ ଆୟକର ( T.C.S ) ବାବଦକୁ ଚାଲାନ ଆକାରରେ ଜମା କରାବେ ।

(18)ଲିଜର ସମସ୍ତ ସର୍ତ୍ତାବଳି ପାଳନ କରିଥିବା ସର୍ବାଧିକ ରୟାଲିଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଦିଆଯିବ ।

(19)ସର୍ବୋଚ୍ଚ ରୟାଲିଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

(20)ବାଲି ଉତ୍ପପାଇଁ ଚିହ୍ନିତ ହୋଇଥିବା ସୁରକ୍ଷା ଅଞ୍ଚଳ (Safety Zone ) ରେ ଲିଜ ଧାରୀ କୌଣସି ପ୍ରକାର ବାଲି ଉତ୍ତୋଳନ କରିପାରିବେ ନାହିଁ ଏବଂ 3 meters ରୁ ତଳକୁ ଯିବେ ନାହିଁ ।

(21)ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ , ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ରାଜସ୍ୱ
ବିଜ୍ଞାପନ ସଂଖ୍ୟା 1335 ତା 17.8.2020

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଗୋଷ୍ଠି ଉନ୍ନୟନ ଅଧିକାରୀ ବାଲିଶଂଙ୍କରା / ସମସ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟ, ବାଲିଶଂଙ୍କରା ପଞ୍ଚାୟତ ସମିତି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକାଇବା ପାଇଁ ପଠାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକ ବାଲିଶଂଙ୍କରା ତହସିଲ ଙ୍କ ଅବଗତ ଓ ନୋଟିସ ବୋର୍ଡରେ ଲଟକାଇବା ପାଇଁ ପଠାଗଲା ।

ଏହାର ଏକକିତା ନକଲ ଉପଜିଲ୍ଲାପାଳ , ସଦର ,ସୁନ୍ଦରଗଡ/ ଜିଲ୍ଲାପାଳ , ସୁନ୍ଦରଗଡ ଙ୍କ ଅବଗତି ନିମନ୍ତେ ପଠାଗଲା । ଏହାର ଏକକିତା ନକଲ ଜିଲ୍ଲା ଜାତିୟ ସୂଚନା ଅଧିକାରୀ , ସୁନ୍ଦରଗଡ ଙ୍କ ଅବଗତି ଓ ସର୍ବସାଧାରଣଙ୍କ ଅବଗତି ପାଇଁ ଜିଲ୍ଲା ୱେବସାଇରେ ଅପଲୋଡ ପାଇଁ ଅନୁରୋଧ କରାଗଲା ।

17.8.20
ତହସିଲଦାର, ବାଲିଶଂଙ୍କରା

Scanned with CamScanner